



## ସଂକ୍ଷେପରେ

### ୨ କାର୍ ମୁହାଁମୁହିଁ ଧକ୍କା, ୪ ଆହତ



**କାଶୀନଗର,୧୭ା୧୦(ଡି.ଏନ.ଏ.):** କାଶୀନଗର ଥାନା ଅନ୍ତର୍ଗତ ସିଆଳି ଗ୍ରାମଠାରେ ୪ ନଂ. ରାଜ୍ୟ ରାଜପଥରେ ୨ କାର ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଜଣେ ବୟସ୍କ ମହିଳା, ଜଣେ ଯୁବତୀ ଗୁରୁତର ଥିବାରୁ ଗୁଣପୁର ସବଡିଭିଜନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ରାୟଗଡ଼ାର ଗୋଟିଏ ପରିବାର ଦଶହରା ଭ୍ରମଣ କରି ଫେରୁଥିଲେ। ଅପରପକ୍ଷରେ ପାରଳାଖେମୁଣ୍ଡିର କାର ସହ ସିଆଳିର ବାଙ୍କ ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର



**ବୁଗୁଡ଼ା,୧୭ା୧୦(ଡି.ଏନ୍.ଏ.):** ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ହରିରଣପୁର ଗାଁ ବନ୍ଧ ପାଖ ନାଳ କଡରେ ଖୋଲାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଗାଁର ଖାରିଆ ନାଳ କଡରେ ଥିବା ଏହି ଲଟାବୁଦାଘେରା ଟ୍ରାନ୍ସଫର୍ମର ଯୋଗୁ ବର୍ଷା ହେଲେ ଗଛରେ ବିଦ୍ୟୁତ୍ ପ୍ରବାହ ହେଉଛି। ସେହି ପାଖ ଦେଇ ଗୋରୁ ଏବଂ ଲୋକେ ଯାତାୟାତ ହେଉଥିବା ବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ସେ ନେଇ ଗ୍ରାମବାସୀ ଆଶଙ୍କାରେ ରହିଥିବା ବେଳେ ଶନିବାର ଗାଈ ବାଛୁରି ହଳେ ବିଦ୍ୟୁତ୍ ଆଘାତରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନେକ ସ୍ଥାନରେ ବିଦ୍ୟୁତ୍ ଅଘଟଣ ପରେ ବିଭିନ୍ନ ସ୍ଥାନରେ ଥିବା ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ ଓହଳି ରହିଥିବା ବିଦ୍ୟୁତ୍ ତାରକୁ ସଜାଡ଼ିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ବୁଗୁଡ଼ା ବିଦ୍ୟୁତ୍ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

## ୩ ବର୍ଷରେ ଗଲାଣି ୭୬ ଜୀବନ

**ଗୋପାଳପୁର,୧୭ା୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥ ହଳଦିଆପଦର ଠାରୁ ଗିରିସୋଲା ୧୮କିମି ରାସ୍ତା ଡେଥ୍ ଜୋନରେ ପରିଣତ ହୋଇଛି। ରାଜପଥ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର ଖାମଖିଆଲ ମନୋବୃତ୍ତି ଯୋଗୁ ୩ ବର୍ଷରେ ଦୁର୍ଘଟଣା ଘଟି ୭୬ ଜଣଙ୍କ ଜୀବନ ଯାଇଥିବା ବେଳେ ୫୧ଜଣ ଗୁରୁତର ଏବଂ ୬୦ରୁ ଊର୍ଦ୍ଧ୍ୱ ଲୋକ ସାମାନ୍ୟ ଆହତ ହୋଇଛନ୍ତି। ଫଳରେ ଲୋକେ ରାଜପଥକୁ ମୃତ୍ୟୁପଥ କହିଲେଣି। ଫଳରେ ଠିକା ସଂସ୍ଥା ଭରପୂର ଫାଇଦା ନେଇ ପଥଚାରୀଙ୍କୁ ବିପଦମୁଖକୁ ଠେଲି ଦେଉଥିବା ଅଭିଯୋଗ ହେଉଛି। ହଳଦିଆପଦରଠାରୁ କନିଷି ରାସ୍ତାର ଅବସ୍ଥା ବର୍ଷା ଯୋଗୁ ବଡ ବଡ଼ ଖାଲ ସୃଷ୍ଟି ହୋଇ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଠିକା ସଂସ୍ଥା ଖାଲଗୁଡ଼ିକରେ ବଡ଼ ବଡ଼ ମେଟାଲ ଓ ସିମେଣ୍ଟ କଂକ୍ରିଟ ପକାଇଦେଇ କାର୍ଯ୍ୟ ଏବଂ ଦାୟିତ୍ୱ ଶେଷ କରିଦେଉଛି। ମେଟାଲଗୁଡ଼ିକ କିଛି ଦିନ ପରେ ଉଠିଯିବାରୁ ଦୁର୍ଘଟଣା ଘଟୁଛି। ହଳଦିଆପଦର ବସ୍ଷ୍ଟାଣ୍ଡ ନିକଟରେ ଦୁଇ ବର୍ଷ ଧରି ଏକ ଠିକା ସଂସ୍ଥା ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଅନେକ ସମୟରେ ଜରୁରିକାଳୀନ ସେବା ପ୍ରଦାନକାରୀ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ବହୁତ ଥର ଭିଡ଼ ଭିତରେ ଫସି ରହିଥିବା ଦେଖିବାକୁ ମିଳୁଛି। ବ୍ରିଜ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ବେଳେ ଦିନେ ଚାଲିଲେ ଛଅ ଦିନ ବନ୍ଦ ରହୁଛି। ସଂସ୍ଥା ପକ୍ଷରୁ ଟ୍ରାଫିକ ସୁରକ୍ଷା ପାଇଁ ନିୟୋଜିତ ଥିବା କର୍ମଚାରୀ ଅନୁପସ୍ଥିତ ସହ ବିପରୀତ ଦିଗରୁ ଆସୁଥିବା ଯାନବାହନକୁ ବାରଣ କରାଯାଉ ନ ଥିବାରୁ ବହୁ ଦୁର୍ଘଟଣା ହେଉଥିବା ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ ବେଳେ ଯାନବାହନ ଚଳାଚଳ କରୁଥିବା ରାସ୍ତାକଡ଼ରେ ସୁରକ୍ଷା ବାଡ଼ ଲଗେଇବା ବ୍ୟବସ୍ଥା ରହିଥିଲେ ମଧ୍ୟ ଏଠାରେ ଠିକାସଂସ୍ଥା ସବୁ ନିୟମକୁ ଅଣଦେଖା କରି ତା'ର ନିର୍ମାଣ କାର୍ଯ୍ୟ ଜାରି ରଖିଛି। ତେବେ ଆଗାମୀ ଦିନରେ ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ସହ କୌଣସି ଦୁର୍ଘଟଣା ଘଟିଲେ ଠିକାସଂସ୍ଥା ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



ଜାତୀୟ ରାଜପଥରେ ଚାଲୁ ରହିଥିବା ଓଭରବ୍ରିଜ ନିର୍ମାଣ କାର୍ଯ୍ୟ।

# ବୁଢୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା




ମା' ବୁଢୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା।

**ଦିଗପହଣ୍ଡି,୧୭ା୧୦(ଡି.ଏନ.ଏ.)**

୫ମ ଦିବସରେ ପହଞ୍ଚିଛି ଦିଗପହଣ୍ଡି ସହରର ଆରାଧ୍ୟ ଦେବୀ ମାଁ ବୁଢୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା। ଅସ୍ଥାୟୀ ମଣ୍ଡପରେ ବିଜେ ହୋଇ ଦର୍ଶନ ଦେଉଛନ୍ତି ଭକ୍ତଙ୍କୁ। କୋରନା କଟକଣା ଯୋଗୁ ମା'ଙ୍କ ଯାତ୍ରା ନିରାଡମ୍ବର ସହକାରେ ପାଳନ କରାଯାଉଛି। ଘଟ ପରିକ୍ରମାକୁ ବନ୍ଦ କରି ଦିଆଯାଇଛି। ଗତ ସପ୍ତମୀ ଅର୍ଥାତ୍ ୧୨ ତାରିଖ ମଧ୍ୟ ରାତ୍ରୀରୁ ସ୍ୱ ଗୃହ ଛାଡି ବଜାର ସାହିରେ ନିର୍ମିତ ଅସ୍ଥାୟୀ ପୀଠରେ ବିଜେ ହୋଇଛନ୍ତି। ଆସନ୍ତା କୁମାର ପୂର୍ଣ୍ଣମୀ ପାହାନ୍ତିଆ ସମୟରେ ମା' ଅସ୍ଥାୟୀ ମଣ୍ଡପ ଛାଡି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବେ। କିନ୍ତୁ ଗତ ବର୍ଷରୁ କୋରନା କଟକଣା ଲାଗି ଯାତ୍ରା ବନ୍ଦ କରି ଦିଆଯାଇଥିଲା। ଚଳିତ ବର୍ଷ କୋରନାର ସ୍ଥିତି କୋହଳ ହେବା ଯୋଗୁ ଯାତ୍ରାକୁ କୋଭିଡ୍ ନିୟମ ଅନୁଯାୟୀ ନିଡାମ୍ବର ସହକାରେ ପାଳନ କରାଯାଉଛି ବୋଲି ଯାତ୍ରା ପରିଚଳନା କମିଟିର ସଭାପତି କୁରେଶୁ ମହାରଣା କହିଛନ୍ତି। ମା'ଙ୍କ ପୂଜାର୍ଚ୍ଚନା ପାଇଁ ମୁଖ୍ୟ ପୂଜକ ବିଜୟ ଦାଶ, ଲିଙ୍ଗରାଜ ପାତ୍ର, ଆଦିତ୍ୟ ପାତ୍ର ଶର୍ମା, ବାପୁନି ପାତ୍ର, ସୋମନାଥ ପାତ୍ର, ଶମ୍ଭୁନାଥ ପାତ୍ର, ଚନ୍ଦନ ପାତ୍ର ଓ ସନ୍ତୋଷ ପାତ୍ର ପ୍ରମୁଖ ସେବାୟତମାନେ ମାଡ଼ଙ୍କ ଯାତ୍ରାକୁ ପରିଚଳନା କରୁଛନ୍ତି।

# ବିଭିନ୍ନ ସ୍ଥାନରୁ ୯୬ ଜୁଆଡ଼ି ଗିରଫ

**ଆସିକା/ଭଞ୍ଜନଗର/ବୁଗୁଡ଼ା/ସୋରଡ଼ା,୧୭ା୧୦(ଡି.ଏନ୍.ଏ.)**

ଆସିକା ଥାନା ଇଲାକାର ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଶନିବାର ରାତି ଓ ରବିବାର ସକାଳେ ପୋଲିସ ଚଢାଉ କରି ମୋଟ ୪୯ଜଣଙ୍କୁ ଗିରଫ କରିଛି। ଏଥିସହ ୧ଲକ୍ଷ ଟଙ୍କା ଜବତ କରାଯାଇଛି । ପାଟଲିଗୁଡା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରୁ ୧୦, କାଳଷଣ୍ଢପୁରରୁ ୫, ବରଗାଁରୁ ୬, ଜୟପୁରରୁ ୪, ନୂଆଗାଁରୁ ୮, ବାଣୀବିହାର ଜୁଆ ଆଡ୍ଡାରୁ ୫ ଜଣଙ୍କ ସମେତ କୋଟିବାଡି, ପଥରା, କବିସୂର୍ଯ୍ୟନଗର ଓ ସରଧାପୁର ଗ୍ରାମର ଅଭିଯୁକ୍ତ ମଧ୍ୟ ଏହି ଜୁଆ ଗୁଡିକରୁ ଗିରଫ ହୋଇଛନ୍ତି। ଏ ନେଇ ଆସିକା ଥାନାରେ (ନଂ.୬୬୮ରୁ ୬୭୪/୨୧)ରେ ପୃଥକ୍ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ଗାଙ୍ଗପୁର ପୋଲିସ ପକ୍ଷରୁ ଥାନା ଇଲାକାରେ ଚାଲିଥିବା ୨ଟି ଜୁଆଆଡ୍ଡାରେ ଚଢାଉ କରି ୧୫ଜଣଙ୍କୁ ଗିରଫ କରାଯିବା ସହ ୪୧ ହଜାର ୧ଶହ ଟଙ୍କା ଓ ୬ ମୋବାଇଲ ଜବତ କରିଛି। ସେହିପରି ଭଞ୍ଜନଗର ପୋଲିସ ସାନକୋଦଣ୍ଡ, ଲାଲସି, ବାହାଡ଼ା ପଦରରେ ଚାଲିଥିବା ୩ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୧୭ ଜଣ ଜୁଆଡ଼ି ଗିରଫ କରିଛି। ତାଙ୍କ ନିକଟରୁ ୯୧ ହଜାର ୬୦୦ ଟଙ୍କା ଜବତ କରାଯାଇଛି। ଥାନାଧିକାରୀ ସୁଦୀପ୍ତ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ସେହିପରି ବୁଗୁଡ଼ା ଥାନା ଅନ୍ତର୍ଗତ ଶ୍ରୀରାମ ନଗର ରାସ୍ତା କଡ଼ରେ ଥିବା ଏକ କୁକୁଡ଼ା ଫାର୍ମ ନିକଟରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଚଢାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୧୧୫୦ ଟଙ୍କା ଜବତ କରାଯାଇଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରା କହିଛନ୍ତି। ଏ ନେଇ ଥାନାରେ ନଂ. ୫୩୬/୨୧ରେ ମାମଲା ରୁଜୁ ହୋଇଛି। ବୁଗୁଡା ଏଏସଆଇ ଅମିୟ କାନ୍ତ ପାଢ଼ୀ ଓ ଯୁଧିଷ୍ଠିର ମହାଙ୍କୁଡଙ୍କ ମିଳିତ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ସୋରଡ଼ା ପୋଲିସ ସୋରିଷାବିଲି ଓ ଗୋଳା ସାହିରେ ଚାଲିଥିବା ଜୁଆ ଆଡ୍ଡାରୁ ୯ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୮୨୭୦ ଟଙ୍କା ସମେତ ୩ ତାସ କଟା ୨ ମୋବାଇଲ ଜବତ କରାଯାଇଛି । ଚଢାଉରେ ଏସ୍ଆଇ ଆର୍ତ୍ତତ୍ରାଣ ଦାନି ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ।



ସୋରଡା ଥାନା ପୋଲିସ ଜବତ କରିଥିବା ଟଙ୍କା, ମୋବାଇଲ୍ ଫୋନ୍, ଓ ତାସ।

# ନିଖିଳ ଉତ୍କଳ ବାରିକ ସମାଜ ବୈଠକ

**ପୋଲସରା,୧୭ା୧୦(ଡି.ଏନ.ଏ.)**

ନିଖିଳ ଉତ୍କଳ ବାରିକ ସମାଜର ଗୁରୁତ୍ୱପୂର୍ଣ୍ଣ ବୈଠକ ସହ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ରବିବାର ଶ୍ୟାମଲାଇ ପୀଠରେ ଜିଲା ଉପସଭାପତି ରାମଚନ୍ଦ୍ର ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏତଦବ୍ୟତୀତ ଜିଲା କମିଟି ମଧ୍ୟ ଚୟନ କରାଯାଇଥିଲା। ନିଖିଳ ଉତ୍କଳ ବାରିକ ସମାଜର ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତି କ୍ରମେ ପୋଲସରାର ପ୍ରଶ୍ନ ଡାକୁଆଙ୍କୁ ଜିଲା ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସୀମାଞ୍ଚଳ ବେହେରା ଉପସଭାପତି ଓ ମନୁ ଡାକୁଆଙ୍କୁ ସହ ସମ୍ପାଦକ ଭାବେ ମନୋନିତ କରାଯାଇଥିଲା। ଉକ୍ତ ବୈଠକରେ ଶ୍ୟାମ ସୁନ୍ଦର ଡାକୁଆ, କଳାକାର ଡାକୁଆ, ଅଜିତ କୁମାର ବେହେରା, ହରିବାବୁ ଡାକୁଆ ସମେତ ବାରିକ ସମାଜର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଅସ୍ୱୀକରଣ : *ସବୁ ଲୋନ୍ସ ସମ୍ପୂର୍ଣ୍ଣ ରୂପେ ଏଚ୍ଡିଏଫ୍‌ସି ଲିମିଟେଡ୍‌ର ବିଚାରାଧିନ ଅଟେ । ନିୟମ ଓ ସର୍ତ୍ତାବଳୀର ବିବରଣୀ ପାଇଁ ଭିଜିଟ୍ କରନ୍ତୁ www.hdfc.com CIN: L70100MH1977PLC019916. HDFC2211-21 Odi


# ପାନୀୟ ଜଳ ପ୍ରକଳ୍ପ ଲାଗି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଫୁଲବାଣୀ ଅଫିସ/ ଖଜୁରିପଡା(ଡି.ଏନ୍.ଏ.) ୧୭ା୧୦**

କନ୍ଧମାଳ ଜିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରିବା ସହ ଅର୍ଥ ମଞ୍ଜୁର କରିଛନ୍ତି । ଏହି ଉପଲକ୍ଷେ ଫୁଲବାଣୀ ବ୍ଲକ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ପ୍ରକଳ୍ପ ବିଷୟରେ ବିସ୍ତୃତ ବିବରଣୀ ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି । ସ୍ଥାନୀୟ ପ୍ରେସ କ୍ଲବରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ବାଳକୃଷ୍ଣ ସାହୁ ଅଧ୍ୟକ୍ଷତା କରି ଏହି ମେଗା ପ୍ରକଳ୍ପ ଦ୍ୱାରା ବ୍ଲକର ଗୁମାଗଡ, କେରେଡି, ଗଞ୍ଜୁଗୁଡା, ବିଶିପଡା, ଆଲାମୀ, ଦୁଡୁକି, କଟ୍ରିଙ୍ଗିଆ, ଜାମଝରୀ, ଦଡକି, ତୁଡିପାଜୁ, ମିଣିଆ ଭଳି ୧୧ଟି ପଞ୍ଚାୟତର ୧୮୨ଟି ଗ୍ରାମରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ ବୋଲି କହିଥିଲେ। ବ୍ଲକର ପ୍ରାୟ ୫୦ ହଜାର ଲୋକ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ବୋଲି ସୂଚନା ଦେଇଥିଲେ । ବ୍ଲକ ଅଧ୍ୟକ୍ଷା ମଞ୍ଜୁଦେବୀ କହଁର, ଉପାଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳଙ୍କ ସମେତ ସରପଞ୍ଚମାନେ ଉପସ୍ଥିତ ଥିଲେ ।

ସେହିପରି ଖଜୁରିପଡା ବ୍ଲକ ବିଜେଡି ତରଫରୁ ସଭାପତି ପଙ୍କଜ ମଲିକଙ୍କ ଅଧ୍ୟକ୍ଷତାରେ ଖଜୁରିପଡା ଲ୍ୟାମ୍ପସ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାନୀୟଜଳ ପ୍ରକଳ୍ପ ହେଲେ ଖଜୁରିପଡା ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ୧୭୫ଟି ଗ୍ରାମର ପ୍ରାୟ ୫୦ ହଜାର ଲୋକ ଉପକୃତ ହେବେ ବୋଲି ବ୍ଲକ ବିଜେଡି ସଭାପତି କହିଥିଲେ। ଖବରଦାତା ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଜିଲା ଯୁବ ସଭାପତି ବିଷ୍ଣୁ ମଲିକ, ଛାତ୍ର ସଭାପତି ସୁନିଲ ସେଠୀ, ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ବ୍ଲକ ମହିଳା ସଭାନେତ୍ରୀ ଗୀତାଞ୍ଜଳି ସାହୁ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ମଲିକ, କାର୍ତ୍ତିକ ସାହାଣୀ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




